# NATIONAL NEWS BULLETIN (ODIA)

## 14 October - 2025

## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ମୋଙ୍ଗୋଲିଆ ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ସହିତ ମିଳିତ ଭାବେ ଦ୍ୱିପକ୍ଷିୟ ସମ୍ପର୍କର କରିବେ ସମୀକ୍ଷା ।
- ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଭାରତର ପ୍ରତିବଦ୍ଧତା ଦୋହରାଇଲେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ।
- ଇଜିପ୍ଟର ଶାର୍ମ ଏଲ୍-ଶେଖ୍ ଶାନ୍ତି ସମ୍ମିଳନୀରେ ଭାରତକୁ ଏକ ମହାନ ଦେଶ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଏକ ଉତ୍ତମ ବନ୍ଧୁରୂପେ ଅଭିହିତ କରିଛନ୍ତି ଆମେରିକା ରାଷ୍ଟ୍ରପତି ।
- ନୂଆଦିଲ୍ଲୀରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ବିଜୟ ଲାଗି ଭାରତକୁ ଆବଶ୍ୟକ ଆଉ ୫୮ରନ୍ ।

ଏବଂ

- ଆଇସିସି ମହିଳା ଦିନିକିଆ କ୍ରିକେଟ୍ ୱାର୍ଲ୍ଡକପ୍‌ର ଗତକାଲିର ମ୍ୟାଚ୍‌ରେ ବାଂଲାଦେଶକୁ ତିନି ୱିକେଟ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା ।

# ପ୍ରେଜ୍ ମୋଙ୍ଗୋଲିଆ-ଇଣ୍ଡିଆ

ମୋଙ୍ଗୋଲିଆ ରାଷ୍ଟ୍ରପତି ଖୁରେନ୍‌ସୁଖ ଉଖନା ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବେ । ଉଭୟ ନେତା ଭାରତ ଓ ମୋଙ୍ଗୋଲିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରିବେ । ଏହି ଅବସରରେ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

ମୋଙ୍ଗୋଲିଆ ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଭେଟିବେ । ଶ୍ରୀମତୀ ମୁର୍ମୁ ମୋଙ୍ଗୋଲିଆ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଆଜି ଏକ ନୈଶ୍ୟ ଭୋଜିର ଆୟୋଜନ କରିଛନ୍ତି । ରାଷ୍ଟ୍ରପତି ଉଖନା ଏକ ଚାରି ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀ ଠାରେ ପହଞ୍ଚିଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ବିମାନ ବନ୍ଦରଠାରେ ତାଙ୍କୁ ସ୍ୱାଗତ କରିଥିଲେ । ମୋଙ୍ଗୋଲିଆ ରାଷ୍ଟ୍ରପତିଙ୍କ ସହିତ ସେଠାକାର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ବରିଷ୍ଠ ଅଧିକାରୀ, ବ୍ୟାବସାୟିକ ନେତୃବୃନ୍ଦ ତଥା ସାଂସ୍କୃତିକ ପ୍ରତିନିଧିମାନେ ଭାରତ ଗସ୍ତରେ ଆସିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ୧୯୫୫ ମସିହାରେ ଭାରତ-ମୋଙ୍ଗୋଲିଆ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହୋଇଛି । ଗତ ଦୁଇ ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା, ସଂସଦୀୟ ବ୍ୟାପାର, ଶକ୍ତି, ଖଣିଜ ପଦାର୍ଥ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ସହଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ଜାରି ରହିଛି ।

# ଇଣ୍ଡିଆ-ଟ୍ରମ୍ପ

ଗତ ଦୁଇ ବର୍ଷ ଧରି ଚାଲିଥିବା ଇସ୍ରାଏଲ୍-ହମାସ ଯୁଦ୍ଧର ସମାପ୍ତି ଘୋଷଣା ଅବସରରେ ଇଜିପ୍ଟର ଶାର୍ମ ଏଲ୍-ଶେଖ୍ ଠାରେ ଆୟୋଜିତ ଶାନ୍ତି ସମ୍ମିଳନୀରେ ବୈଦେଶିକ ବ୍ୟାପାର ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ଏହି ସମ୍ମିଳନୀରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଇଜିପ୍ଟର ରାଷ୍ଟ୍ରପତି ଆବ୍‌ଦେଲ୍ ଫତାହା ଅଲ୍-ସିସି ସହ-ଅଧ୍ୟକ୍ଷତା କରିଛନ୍ତି । ଏଥିରେ ବିଶ୍ୱର ବିଭିନ୍ନ ଦେଶର ନେତୃବୃନ୍ଦ ମଧ୍ୟ ଯୋଗଦେଇଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହ ଇଜିପ୍ଟର ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହିତ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଭାରତର ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଇଛନ୍ତି । ବୈଠକ ପରେ ଶ୍ରୀ ସିଂହ କହିଛନ୍ତି, ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଏହି ସମ୍ମିଳନୀ ବୈଶ୍ୱିକ ତ୍ୟାଗର ଏକ ପ୍ରତିଫଳନ । ଭାରତ ଓ ଇଜିପ୍ଟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଏକ ସଶକ୍ତ ରଣନୈତିକ ଭାଗିଦାରୀ  ଜାରି ରହିଛି । ସମ୍ପୃକ୍ତ ଅଞ୍ଚଳରେ ନିରନ୍ତର ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ଦିଗରେ ଭାରତର ସମର୍ଥନ ଜାରି ରହିବ ବୋଲି ଶ୍ରୀ ସିଂହ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି ।

## ଟ୍ରମ୍ପ୍-ମୋଦୀ

ଇଜିପ୍ଟର ଶାର୍ମ ଏଲ୍-ଶେଖ୍ ସମ୍ମିଳନୀରେ ଗତକାଲି ନିଜର ବକ୍ତବ୍ୟ ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଉତ୍ତମ ବନ୍ଧୁରୂପେ ଅଭିହିତ କରିଛନ୍ତି । ଭାରତକୁ ଶ୍ରୀ ଟ୍ରମ୍ପ୍ ଏକ ମହାନ ଦେଶର ଆଖ୍ୟା ଦେବା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଛନ୍ତି । ଭାରତ-ପାକିସ୍ତାନ ସମ୍ପର୍କ ପ୍ରସଙ୍ଗରେ ରାଷ୍ଟ୍ରପତି ଟ୍ରମ୍ପ୍ ସକାରାତ୍ମକ ମନୋଭାବ ପୋଷଣ କରିବା ସହିତ ଆଗାମୀ ଦିନରେ ଉଭୟ ଦେଶ ମିଳିମିଶି ଏକ ଉତ୍ତମ ପରିବେଶରେ ଜୀବନଯାପନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ଇସ୍ରାଏଲ୍-ହମାସ ଯୁଦ୍ଧର ପରିସମାପ୍ତି ଘୋଷଣା ଅବସରରେ ଐତିହାସିକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ଏହି ବକ୍ତବ୍ୟ ରଖିଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଐତିହାସିକ ଗାଜା ଶାନ୍ତି ଯୋଜନାର ସଫଳତା ଲାଗି ଫୋନ୍ ଯୋଗେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଯାଦବ-କୋପ୍ ୩୦

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବ୍ରାସିଲିଆ ଠାରେ ଅନୁଷ୍ଠିତ ପ୍ରାକ୍-କୋପ୍-୩୦ ମନ୍ତ୍ରୀ ସ୍ତରୀୟ ରାଉଣ୍ଡ ଟେବୁଲ୍ ବୈଠକରେ ଯୋଗଦେଇଛନ୍ତି । ପ୍ୟାରିସ୍ ଚୁକ୍ତିନାମାର

ଏକ ଦଶନ୍ଧି ପୂର୍ତ୍ତି ହୋଇଥିବାରୁ ସାଧାରଣ ଜନତା ଏବଂ ସମଗ୍ର ବିଶ୍ୱର କଲ୍ୟାଣ ଲାଗି ଏକ ସାମୂହିକ ପ୍ରୟାସ ଦିଗରେ କୋପ୍-୩୦ର ପ୍ରତିବଦ୍ଧତା ଉପରେ ଶ୍ରୀ ଯାଦବ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଭିନ୍ନ ଘରୋଇ ତଥା ଆନ୍ତର୍ଜାତିକ ସ୍ତରରେ ଏ ଦିଗରେ ବିବିଧ ପଦକ୍ଷେପ ନେଉଛି ବୋଲି ସେ କହିଛନ୍ତି ।

## ଜିଏସ୍‌ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ବସ୍ତୁ ଓ ସେବାକର ଜି.ଏସ୍.ଟି. ବଚତ୍ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ କରାଯାଇଛି । ଏହାଦ୍ୱାରା ସମାଜର ବିଭିନ୍ନ ବର୍ଗର ଲୋକେ ଉପକୃତ ହେଉଛନ୍ତି । ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ମିଜୋରାମର ବିଭିନ୍ନ ଶିଳ୍ପାନୁଷ୍ଠାନକୁ କିଭଳି ସଶକ୍ତ କରାଯାଇପାରିବ ସେ ସମ୍ପର୍କରେ ଏକ ରିପୋର୍ଟ୍ –

ନୂତନ ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ମିଜୋରାମର କୃଷି, ହସ୍ତଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରମୁଖ ପ୍ରୋତ୍ସାହନ ମିଳି ପାରିଛି । ହ୍ରାସ ପାଇଥିବା ଜି.ଏସ୍.ଟି. ଦର ଦ୍ୱାରା ପାରମ୍ପରିକ ଏବଂ ଆଞ୍ଚଳିକ ଉତ୍ପାଦ ଗୁଡ଼ିକ ଅଧିକ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବା ସହ ସ୍ଥାନୀୟ

ଉତ୍ପାଦନକୁ ପ୍ରୋତ୍ସାହନ ମିଳୁଛି । ସ୍ଥାନୀୟ ଅଦା, ହଳଦୀ, ଲଙ୍କା, ବାଉଁଶ ତଥା ଫଳ ଜାତୀୟ ଦ୍ରବ୍ୟ ଉପରେ ଜି.ଏସ୍.ଟି. ହାରକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ଏହି ଉତ୍ପାଦ ଗୁଡ଼ିକ ସ୍ଥାନୀୟ ବଜାରରେ କମ୍ ଦରରେ ଉପଲବ୍ଧ ହୋଇପାରୁଛି । ଏହାଦ୍ୱାରା ଉଭୟ କ୍ରେତା ଓ ବିକ୍ରେତା ଲାଭବାନ ହୋଇପାରୁଛନ୍ତି । ଏଥିସହିତ ରାତି ପିଛା ୭ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ହୋଟେଲ ଦର ଉପରେ ଜି.ଏସ୍.ଟି. ଏଣିକି ୫ ପ୍ରତିଶତ ଲାଗୁ ହେଉଥିବାରୁ ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ହୋଟେଲ ମିଳିପାରୁଛି । ଏହାଦ୍ୱାରା ବାଣିଜ୍ୟ, ବ୍ୟବସାୟ ଓ ଅର୍ଥନୀତି କାରବାର ସଶକ୍ତ ହୋଇପାରିଛି । ଏହି ସଂସ୍କାର ଦ୍ୱାରା ଯୁବବର୍ଗଙ୍କୁ ରାଜ୍ୟର ଆତିଥେୟତା କ୍ଷେତ୍ରରେ ଅଧିକ ନିଯୁକ୍ତି ମଧ୍ୟ ମିଳିପାରିଛି । ଏହି ଜି.ଏସ୍.ଟି. ଦର ହ୍ରାସ ହେବା ଦ୍ୱାରା ମିଜୋରାମ୍‌ର ପର୍ଯ୍ୟଟନ କ୍ଷେତ୍ର ଅଧିକ ସଶକ୍ତ ହେବା ସହିତ ଏକ ସମାବେଶୀ ଓ ନିରନ୍ତର ବିକାଶ ଦିଗରେ ରାଜ୍ୟର ଅଗ୍ରଗତି ସମ୍ଭବ ହୋଇପାରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।

# ଆଫ୍‌ଗାନିସ୍ତାନ ଏଫ୍‌ଏମ୍

ଆଫ୍‌ଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି କହିଛନ୍ତି, ପାକିସ୍ତାନ ସହିତ ସୀମା ସଂଘର୍ଷ ସମୟରେ ଆଫ୍‌ଗାନିସ୍ତାନ ନିଜର ଲକ୍ଷ୍ୟ

ହାସଲ କରିପାରିଛି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପାକିସ୍ତାନର ଆକ୍ରମଣ ପରେ ହିଁ ଆଫ୍‌ଗାନିସ୍ତାନ ଏକ ସାମରିକ ଅପରେସନ୍ କାର୍ଯ୍ୟକାରୀ କରିଥିଲା । କତାର୍ ଓ ଅନ୍ୟାନ୍ୟ ଆରବ ଦେଶ ଭଳି ଆଫଗାନିସ୍ତାନର ବନ୍ଧୁ ରାଷ୍ଟ୍ର ଗୁଡ଼ିକ ଏହି ଯୁଦ୍ଧକୁ ବନ୍ଦ କରିବା ଲାଗି ପରାମର୍ଶ ଦେଇଥିଲେ । ଯୁଦ୍ଧ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବରଂ ଆଲୋଚନା ମାଧ୍ୟମରେ ହିଁ ଏହା ସମ୍ଭବ ବୋଲି ଶ୍ରୀ ମୁତ୍ତାକି କହିଛନ୍ତି ।

ପୂର୍ବରୁ ଆଫ୍‌ଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଚାବାହାର୍ ବନ୍ଦର ଉପରୁ ବାସନ୍ଦ ଉଠାଇବା ଲାଗି ଆମେରିକା ସହ ଆଲୋଚନା କରିବାକୁ ଭାରତକୁ ଅନୁରୋଧ କରିଥିଲେ । ଗତକାଲି ନୂଆଦିଲ୍ଲୀ ଠାରେ ଶିଳ୍ପ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ସମୟରେ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ । ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ଏହି ବନ୍ଦରର ସର୍ବାଧବକ ସୁବିନିଯୋଗ କରାଯିବା ଉପରେ ଶ୍ରୀ ମୁତ୍ତାକି ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି ।

## ଡବ୍ଲ୍ୟୁବି-ଦୁର୍ଗାପୁର

ପଶ୍ଚିମବଙ୍ଗର ଦୁର୍ଗାପୁର ଘରୋଇ ମେଡିକାଲ୍ କଲେଜ୍ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଉ ଦୁଇ ଜଣଙ୍କୁ ସ୍ଥାନୀୟ

ଏକ ଅଦାଲତ ପୁଲିସ୍ ହେପାଜତକୁ ପଠାଇଛନ୍ତି । ନିକଟରେ ଆଉ ତିନି ଜଣଙ୍କୁ ୧୦ ଦିନ ଲାଗି ଅଦାଲତ ପୁଲିସ୍ ହେପାଜତକୁ ପଠାଇଥିଲେ ।

ପଶ୍ଚିମବଙ୍ଗ ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷ ଗତକାଲି ଦୁର୍ଗାପୁର ହସ୍ପିଟାଲ୍ ପରିଦର୍ଶନ କରି ସମ୍ପୃକ୍ତ ପିଡ଼ିତାଙ୍କୁ ଭେଟିଥିଲେ । ଏହି ଅଘଟଣକୁ ହୃଦୟ ବିଦାରକ ଭାବେ ଅଭିହିତ କରିବା ସହିତ ରାଜ୍ୟପାଳ ଡକ୍ଟର ବୋଷ ପିଡ଼ିତାଙ୍କ ପରିବାରବର୍ଗଙ୍କୁ ଭେଟିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସମସ୍ତ ଆବଶ୍ୟକ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ତେବେ ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏହି ମାମଲାରେ ଶାସକ ତୃଣମୂଳ କଂଗ୍ରେସ ନେତାଙ୍କର ସମ୍ପୃକ୍ତି ରହିଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି ।

ଅନ୍ୟ ପକ୍ଷରେ ଓଡ଼ିଶା ମହିଳା କମିଶନ୍ ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଏକ ତିନି ଜଣିଆ ଟିମ୍ ଗତକାଲି ପିଡ଼ିତାଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଇତିମଧ୍ୟରେ ବାମ ଦଳ ସମେତ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି ।

# ଟେଷ୍ଟ କ୍ରିକେଟ୍

ନୂଆଦିଲ୍ଲୀରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ବିଜୟ ଲାଗି ଭାରତକୁ ହାତରେ ୯ ୱିକେଟ୍ ବାକିଥାଇ ଆଉ ୫୮ରନ୍ ଆବଶ୍ୟକ ରହିଛି । ଗତକାଲି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୧ ୱିକେଟ୍ ହରାଇ ୬୩ ରନ କରିଛି । କେଏଲ ରାହୁଲ ଏବଂ ସାଇ ସୁଦର୍ଶନ ଅପରାଜିତ ଅଛନ୍ତି ।

ତୃତୀୟ ଦିନରେ ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜକୁ ୨୪୮ ରନରେ ଅଲଆଉଟ୍ କରିବା ପରେ ଭାରତ ୱେଷ୍ଟଇଣ୍ଡିଜ୍ ଉପରେ ଫଲୋଅନ୍ ଲାଗୁ କରିଥିଲା ।

# ୱାର୍ଲ୍ଡକପ୍

ଆଇସିସି ମହିଳା ଦିନିକିଆ କ୍ରିକେଟ୍ ୱାର୍ଲ୍ଡକପ୍‌ର ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା' ବାଂଲାଦେଶକୁ ତିନି ୱିକେଟ୍‌ରେ ପରାସ୍ତ କରିଛି । ବିଶାଖାପାଟନମ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୩୨ରନ୍ କରିଥିଲା । ୨୩୩ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା କ୍ଲୋଏ ଟ୍ରାୟନ୍‌ଙ୍କ ୬୯ ବଲ୍‌ରୁ ୬୨ରନ୍ ସହାୟତାରେ ବିଜୟୀ ହୋଇଥିଲା । ଟ୍ରାୟନ୍ସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ଏହି ଟୁର୍ଣ୍ଣାମେଣ୍ଟରେ କଲମ୍ବୋର୍ ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଆରମ୍ଭ ହେବ ।